OPEN ACCESS

*Ind. Jr. of Mod. Res. and Rev* | *PEER-REVIEWED JOURNAL* | *Volume 4 Issue 2 [Feb] Year 2026*

**Indian Journal of Modern Research and Reviews**

**This Journal is a member of the *'Committee on Publication Ethics'***

**Online ISSN:**2584-184X

*Research Article*

# ଆନ୍ଧ୍ର-ଓଡିଶା ଉପାନ୍ତ ଅଞ୍ଚଳର ଲୋକ ଚଳଣି

**ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କଳିଙ୍ଗ ମହାବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳ, ଓଡ଼ିଶା, ଭାରତ

**Corresponding Author:** *ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ

**DOI:** https://doi.org/10.5281/zenodo.20325216

## ସାରାଂଶ

ଭାରତୀୟ ସାଂସ୍କୃତିକ ଜୀବନବୋଧର ଅନ୍ତଃସଲିଳା ପ୍ରବାହ ହେଉଛି 'ଲୋକାଚାର', ଯାହା ମାନବୀୟ ସଦାଚାର ଓ ଶିଷ୍ଟ ଜୀବନଚର୍ଯ୍ୟାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ। ଭୌଗୋଳିକ ସୀମାରେଖା ଅପେକ୍ଷା ଆତ୍ମିକ ସଂଯୋଗକୁ ପ୍ରାଧାନ୍ୟ ଦେଉଥିବା ଆନ୍ଧ୍ର-ଓଡ଼ିଶା ଉପାନ୍ତ ଅଞ୍ଚଳରେ ଏହି ଲୋକଚଳଣିର ଏକ ସମନ୍ୱୟବାଦୀ ସାରସ୍ୱତ ରୂପ ପରିଲକ୍ଷିତ ହୁଏ। ଭାଷାଗତ ବୈଷମ୍ୟ ସତ୍ତ୍ୱେ, ଏହି ସୀମାନ୍ତ ପ୍ରଦେଶର ଜନଜୀବନ ସଂସ୍କୃତି ଦୃଷ୍ଟିରୁ ଅତ୍ୟନ୍ତ ଋଦ୍ଧିମନ୍ତ। ଆଲୋଚ୍ୟ ଗବେଷଣାତ୍ମକ ପ୍ରବନ୍ଧରେ ଉପାନ୍ତ ଇଲାକାର ସେହି ଅନାବିଳ ଲୋକଚଳଣିର ସୂକ୍ଷ୍ମ ଅନୁଧ୍ୟାନ କରାଯାଇଛି। ଏହି ପରିପ୍ରେକ୍ଷୀରେ, ସମାଜର ମୂଳଦୁଆ ସଦୃଶ ଯୌଥ ପାରିବାରିକ ଶୃଙ୍ଖଳା, ପିତୃତନ୍ତ୍ର ଓ ମାତୃତନ୍ତ୍ରର ସୁନ୍ଦର ସମନ୍ୱୟ ଏବଂ ପାରସ୍ପରିକ ସ୍ନେହ-ସହଭାଗିତାର ଚିତ୍ର ଏଠାରେ ସ୍ପଷ୍ଟ। ଏଥିସହ, ମହାଭାରତୀୟ ପରମ୍ପରାର 'ଅତିଥି ଦେବୋ ଭବଃ' ବାକ୍ୟକୁ ସାର୍ଥକ କରୁଥିବା ପାଦଧୌତ ରୀତି, ଜାତିଗତ ବୈଚିତ୍ର୍ୟ ଆଧାରରେ ଆପ୍ୟାୟନର ଶୈଳୀ ଏବଂ ଗୁରୁଜନମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନର ମହାର୍ଘ ପରମ୍ପରାକୁ ବିଶ୍ଳେଷଣ କରାଯାଇଛି। ମାନବ ଜୀବନର ଦୁଇଟି ମୁଖ୍ୟ ସନ୍ଧିକ୍ଷଣ—ଜନ୍ମ ଓ ମୃତ୍ୟୁକାଳୀନ ଶୁଦ୍ଧି-ଅଶୁଦ୍ଧିର ସାମାଜିକ ବିଧାନ ସମେତ ନାରୀମାନଙ୍କ ଋତୁସ୍ରାବ କାଳୀନ ସଂସ୍କାରକୁ ଏଥିରେ ସ୍ଥାନ ଦିଆଯାଇଛି। ପ୍ରକୃତି ପ୍ରତି କୃତଜ୍ଞତା ଓ ଗ୍ରାମ୍ୟ କଲ୍ୟାଣ ନିମନ୍ତେ ପାଳିତ ବିଭିନ୍ନ ପର୍ବପର୍ବାଣୀ ଏବଂ ସାମୂହିକ ନାମସଂକୀର୍ତ୍ତନ ଭଳି ଧାର୍ମିକ ବିଶ୍ୱାସର ପ୍ରାସଙ୍ଗିକତାକୁ ମଧ୍ୟ ପ୍ରବନ୍ଧରେ ଉନ୍ମୋଚନ କରାଯାଇଛି। ବସ୍ତୁତଃ, ଆଧୁନିକତାର କରାଳ ଗ୍ରାସ ମଧ୍ୟରେ ସୀମାନ୍ତ ଅଞ୍ଚଳର ଏହି ନିରନ୍ତର ପ୍ରବହମାନ ଲୋକଚଳଣି କିପରି ମାନବୀୟ ମୂଲ୍ୟବୋଧକୁ ସୁରକ୍ଷିତ ରଖିଛି, ତାହାର ତାତ୍ତ୍ୱିକ ଓ ସାମାଜିକ ମୂଲ୍ୟାଙ୍କନ କରିବା ହିଁ ଏହି ଗବେଷଣାର ଅଭିପ୍ରାୟ।

**Manuscript Information**

- **ISSN No:** 2584-184X
- **Received:** 05-01-2026
- **Accepted:** 25-02-2026
- **Published:** 28-02-2026
- **MRR:**4(2); 2026: 447-451
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. ଆନ୍ଧ୍ର-ଓଡିଶା ଉପାନ୍ତ ଅଞ୍ଚଳର ଲୋକ ଚଳଣି. Indian J Mod Res Rev. 2026;4(2):447-451.

**Access this Article Online**

www.mrrjournal.in

**ମୁଖ୍ୟ ଶବ୍ଦ** : ଲୋକଚଳଣି, ଉପାନ୍ତ ଅଞ୍ଚଳ, ସାଂସ୍କୃତିକ ମୂଲ୍ୟବୋଧ, ଯୌଥ ପରିବାର, ଅତିଥି ସତ୍କାର, ଶୁଦ୍ଧି-ଅଶୁଦ୍ଧି, ସମନ୍ୱୟବାଦ।

## ପ୍ରସ୍ତାବନା

ବିପୁଳାଚ ପୃଥ୍ୱୀ, ନିରବଧି କାଳ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ ପ୍ରାଣୀ ଭାବରେ ସ୍ୱୀକୃତ ଓ ସମ୍ମାନିତ। ପ୍ରକାରାନ୍ତରେ ବିବିଧ ଜନ୍ମ ମଧ୍ୟରେ ମାନବ ଜନ୍ମର ଆବେଦନ ସର୍ବତନ୍ତ୍ର ସ୍ୱତନ୍ତ୍ର । ତେଣୁ କୁହାଯାଇଛି " ନରତ୍ୱ ଦୁର୍ଲ୍ଲଭଂ ଲୋକେ ...."। ଭାଗବତ ଗ୍ରନ୍ଥରେ ମଧ୍ୟ ଉଲ୍ଲେଖ ଅଛି – " ମନୁଷ୍ୟ ଦେହେ ଦିବ୍ୟଜ୍ଞାନ ଦେଖି ସନ୍ତୋଷ ଭଗବାନ।" ଭାଗବତର ଏହି ପଦଟି ମଧ୍ୟରେ ଉଲ୍ଲେଖ ଥିବା 'ଦିବ୍ୟଜ୍ଞାନ' ଶବ୍ଦଟି ମାନବୀୟ ମୂଲ୍ୟବୋଧର ଭିତ୍ତିଭୂମି ଉପରେ ଦଣ୍ଡାୟମାନ ବୋଲି ସ୍ୱୀକାର କରାଯାଇପାରେ ଏବଂ ମାନବୀୟ ମୂଲ୍ୟବୋଧ ଆପାତତଃ ତାର ଆଚାର- ବିଚାର ତଥା ସାଂସ୍କୃତିକ ପ୍ରତିବଦ୍ଧତାକୁ ବୁଝାଏ । ସୁତରାଂ ଗୋଟିଏ ବ୍ୟକ୍ତି ହେଉ, ହେଉ ଅବା ଗୋଟିଏ ଜାତି ତାର ସଂସ୍କୃତିକୁ ପାଥେୟ କରିହିଁ ସ୍ୱୀୟ ବୈଶିଷ୍ଟ୍ୟକୁ ପ୍ରତିପାଦନ କରିଥାଏ। ଏହି ଦୃଷ୍ଟିରୁ କୁହାଯାଇପାରେ ଯେ "ଲୋକାଚାର" ମାନବୀୟ ଜୀବନବୋଧର ଅନ୍ୟତମ ଉଲ୍ଲେଖନୀୟ ବିଭବ। ବସ୍ତୁତଃ ଆଭିଧାନିକ ଅର୍ଥାନୁସାରେ ' ଆଚାର' ଶବ୍ଦଟି ରୀତି, କାର୍ଯ୍ୟବିଧି, ଶାସ୍ତ୍ରାନୁମୋଦିତ ଆଚରଣ, ଶିଷ୍ଟ ବ୍ୟବହାରାଦିକୁ ବୁଝାଇଥାଏ । ପକ୍ଷାନ୍ତରରେ 'ଲୋକ' ଶବ୍ଦଟି ସାଧାରଣ ଜନତା ଅର୍ଥରେ ବ୍ୟବହାର ହୋଇଥାଏ । ଅତଏବ ଲୋକାଚାର କହିଲେ ଉଦ୍ବୋଟିତ ବ୍ୟବହାର , ଶିଷ୍ଟ



© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଜୀବନ ଚର୍ଯ୍ୟା, ସର୍ବୋପରି ମାନବୀୟ ଉଚ୍ଚାଙ୍ଗ କର୍ମଧାରାକୁ ଇଙ୍ଗିତ କରେ। 'ଲୋକଚଳଣି' ଆଲୋଚ୍ୟ 'ଲୋକାଚାର'ର ଏକ ଅନନ୍ୟ ବିଭାଗ। ଚଳଣି ଆଧାରରେ ଆଚାର ଜୀବନ୍ତ ହୋଇଉଠେ । ନିତ୍ୟ ନୈମିତ୍ତିକ ଜୀବନର ଏହା ଏକ ଉଲ୍ଲେଖନୀୟ ଧାରା। ଯାହା ମଣିଷକୁ ସ୍ୱତନ୍ତ୍ର ସାଂସ୍କୃତି ସଂପନ ଏବଂ ଦେବୋପମ ସମ୍ମାନରେ ସମ୍ମାନିତ କରିଥାଏ। ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ- ସମାଜର ଆଦାନ ପ୍ରଦାନ ଘଟିତ ସମସ୍ତ ବ୍ୟବହାର ସମେତ ପ୍ରୟୋଜନର ତଥା କଳାର ସୃଷ୍ଟିକୁ ଚଳଣି କୁହାଯାଏ । ( ଓଡ଼ିଆ ସାହିତ୍ୟର କ୍ରମ ପରିଣାମ , ୧୯୬୮, ପୃଷ୍ଠା: ୧) ସର୍ବୋପରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସୀମାନ୍ତ ଅଞ୍ଚଳରେ ଜନସାଧାରଣଙ୍କ ପ୍ରାତ୍ୟହିକ ଜୀବନ ଚର୍ଯ୍ୟା ମଧ୍ୟରେ ପ୍ରବହମାନ ଲୋକଚଳଣି କିପରି ସେମାନଙ୍କ ସାଂସ୍କୃତିକ ମୂଲ୍ୟବୋଧର ପରିଚାୟକ ହୋଇପାରିଛି ତତ୍ ସଂପର୍କୀୟ ଆଲୋଚନା ପରିପ୍ରେକ୍ଷୀରେ ଏହି ପ୍ରବନ୍ଧଟିର ସୃଷ୍ଟି ବୋଲି ସ୍ୱୀକାର କରାଯାଇପାରେ ।

ମାନବୀୟ ସଭ୍ୟତାର ଇତିହାସ ହେଉଛି ପ୍ରକୃତରେ ସଂସ୍କୃତିର ସମୀକ୍ଷା। ମହାକାଳର ନିରବଚ୍ଛିନ୍ନ ଯାତ୍ରାପଥରେ ପୃଥିବୀର ବକ୍ଷରେ ଅସଂଖ୍ୟ ଜୀବନର ଆବିର୍ଭାବ ଓ ତିରୋଧାନ ଘଟିଛି, ମାତ୍ର ମନୁଷ୍ୟ ନିଜର ବୈଚିତ୍ର୍ୟମୟ ଚିନ୍ତନ ଓ ଆଚରଣ ପାଇଁ ସର୍ବଶ୍ରେଷ୍ଠ ଆସନର ଅଧିକାରୀ ହୋଇପାରିଛି। ଶାସ୍ତ୍ରକାରଙ୍କ ମତରେ, ଜନ୍ମାନ୍ତରର ସୁକୃତ ଫଳରେ ହିଁ ମାନବ ଶରୀର ପ୍ରାପ୍ତ ହୁଏ, ଯାହା ଭିତରେ ସ୍ରଷ୍ଟାଙ୍କ ଦିବ୍ୟାଂଶ ବିଦ୍ୟମାନ। ଏହି ଦିବ୍ୟତା କେବଳ କଳ୍ପନାର ସୌଧ ନୁହେଁ, ବରଂ ଏହା ସମାଜରେ ପ୍ରଚଳିତ ସଦାଚାର, ନୈତିକତା ଏବଂ ଜନଜୀବନର ଆଚରଣଗତ ପ୍ରତିବଦ୍ଧତା ଉପରେ ଦଣ୍ଡାୟମାନ। ଗୋଟିଏ ଜାତିର ଆତ୍ମପରିଚୟ ତାର ଐତିହ୍ୟ ଓ ଲୋକାଚାର ମଧ୍ୟରେ ହିଁ ପ୍ରତିଫଳିତ ହୋଇଥାଏ। 'ଲୋକ' ଏବଂ 'ଆଚାର'—ଏହି ଦୁଇଟି ଶବ୍ଦର ମିଳନରୁ ଜନ୍ମ ନିଏ ସେହି ନିୟମାବଳୀ, ଯାହା ଶାସ୍ତ୍ରର କଠିନ ଶୃଙ୍ଖଳାରେ ବନ୍ଧା ନହୋଇ ମଧ୍ୟ ସାଧାରଣ ଜନତାକୁ ଶିଷ୍ଟାଚାର ଓ ଉଚ୍ଚ ମୂଲ୍ୟବୋଧର ଶିକ୍ଷା ଦେଇଥାଏ। ଏହା ହିଁ ଜୀବନର ସେହି ପ୍ରାଣରସ, ଯାହା ମଣିଷକୁ ସାଂସ୍କୃତିକ ଦୃଷ୍ଟିରୁ ଗରିମାମୟ ଏବଂ ଗତିଶୀଳ କରିଥାଏ।

ଏହି ସାରସ୍ୱତ ପୃଷ୍ଠଭୂମିରେ, ଯେତେବେଳେ ଆମେ 'ଉପାନ୍ତ ଅଞ୍ଚଳ' ବା ସୀମାନ୍ତ ପ୍ରଦେଶର ଭୌଗୋଳିକ ଓ ସାମାଜିକ ଗଠନକୁ ଅନୁଧ୍ୟାନ କରୁ, ସେଠାରେ ଏକ ଭିନ୍ନ ଚେତନାର ଉନ୍ମେଷ ଘଟିଥିବା ଲକ୍ଷ୍ୟ କରାଯାଏ। ରାଜନୈତିକ ସୀମାରେଖା ବା ପ୍ରାଚୀର ଦୁଇଟି ପ୍ରଦେଶକୁ ବିଭକ୍ତ କରିପାରେ, କିନ୍ତୁ ମାଟି ଓ ମଣିଷର ହୃଦୟକୁ ଅଲଗା କରିପାରେନାହିଁ। ସୀମାନ୍ତ ଅଞ୍ଚଳ ସର୍ବଦା ଦୁଇଟି ଭିନ୍ନ ସଂସ୍କୃତିର ମିଳନକ୍ଷେତ୍ର ବା ଏକ ସାଂସ୍କୃତିକ ସେତୁ। ଏଠାରେ ଭାଷା ଓ ଆଞ୍ଚଳିକତାର ବାହ୍ୟ ପ୍ରଭେଦ ଥାଇପାରେ, ମାତ୍ର ଅନ୍ତର୍ନିହିତ ଭାବଧାରାରେ ଏକ ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୁଏ। ଯେଉଁ ଆଚାର ଏବଂ ସଂସ୍କାର କୌଣସି ପୁସ୍ତକରେ ଲିପିବଦ୍ଧ ନଥାଇ ମଧ୍ୟ ପୁରୁଷାନୁକ୍ରମେ ଜନମାନସରେ ପ୍ରବାହିତ ହୋଇଆସୁଛି, ତାହା ହିଁ ସେହି ମାଟିର ପ୍ରକୃତ ବୈଭବ। ଏହି ଚଳଣି ସମାଜର ପ୍ରତିଟି ସ୍ତରର ମଣିଷକୁ, ସେ ଧନୀ ହେଉ ବା ଦରିଦ୍ର, ଜ୍ଞାନୀ ହେଉ ବା ଅଜ୍ଞାନୀ, ଏକ ସମାନ ଚିନ୍ତାଧାରାରେ ଆବଦ୍ଧ କରେ। ସମୟର ପରିବର୍ତ୍ତନ ସହ ଚଳଣିର ବାହ୍ୟ ରୂପ ବଦଳିଲେ ମଧ୍ୟ ଏହାର ମୂଳ ଲକ୍ଷ୍ୟ ସର୍ବଦା ସମାଜକୁ ସୁସଂହତ ଓ ଅଭିମୁଖୀ କରିବା।

ଉପାନ୍ତ ଅଞ୍ଚଳର ଜନଜୀବନ ସର୍ବଦା ଏକ ବିଶିଷ୍ଟ ମାନସିକତା ଦ୍ୱାରା ପରିଚାଳିତ, ଯାହାକୁ 'ସୀମାନ୍ତ ମାନସ' କୁହାଯାଇପାରେ। ଏଠାକାର ଅଧିବାସୀମାନେ ନିଜର ମୂଳ ସାଂସ୍କୃତିକ ଚେର ସହ ଜଡ଼ିତ ରହିବା ସହିତ ପ୍ରତିବେଶୀ ପ୍ରଦେଶର ସଂସ୍କାରକୁ ମଧ୍ୟ ଅତି ସହଜରେ ଆପଣେଇ ନେଇଥାନ୍ତି। ଗୋଟିଏ ପଟେ ଆର୍ଯ୍ୟ ସଭ୍ୟତାର କାବ୍ୟିକ ଗାରିମା ଏବଂ ଅନ୍ୟପଟେ ଦ୍ରାବିଡ଼ ସଂସ୍କୃତିର ଗମ୍ଭୀରତା—ଏହି ଦୁଇ ମହାନ ପ୍ରବାହର ସଙ୍ଗମସ୍ଥଳରେ ହିଁ ସୀମାନ୍ତବର୍ତ୍ତୀ ଲୋକାଚାରର ସୃଷ୍ଟି। ଏହି ଅଞ୍ଚଳର ଜନମାନସରେ କୌଣସି ସଂକୀର୍ଣ୍ଣତା ନଥାଏ, ବରଂ ସେମାନଙ୍କର ପ୍ରାତ୍ୟହିକ ସମ୍ପର୍କ, କଥୋପକଥନ ଓ ଜୀବନଶୈଳୀ ମଧ୍ୟରେ ଏକ ସ୍ୱତଃସ୍ଫୂର୍ତ୍ତ ଉଦାରତା ପ୍ରକାଶ ପାଇଥାଏ। ଏହି ସମନ୍ୱୟବାଦୀ ସଂସ୍କୃତି ହିଁ ପ୍ରକୃତରେ ସଂଘୀୟ ଚେତନାର ଶ୍ରେଷ୍ଠ ନିଦର୍ଶନ।

ଏହି ସମାଜରେ ପାରସ୍ପରିକ ସହଭାଗିତା ଏବଂ ପ୍ରୀତିର ଡୋରି ଅତ୍ୟନ୍ତ ସୁଦୃଢ଼। ବାହ୍ୟ ଜଗତ ପାଇଁ ଯାହା କେବଳ ଏକ ଭୌଗୋଳିକ ସୀମା, ସେଠାକାର ବାସିନ୍ଦାଙ୍କ ପାଇଁ ତାହା ଏକ ସାରସ୍ୱତ ଉପତ୍ୟକା। ପ୍ରକୃତିର ପଟ୍ଟଭୂମିରେ ଏଠାକାର ମଣିଷ ନିଜର ଦୁଃଖ-ସୁଖ, ଆଶା-ଆକାଂକ୍ଷାକୁ ନେଇ ଯେଉଁ ଜୀବନ ଅତିବାହିତ କରେ, ତହିଁରେ ସ୍ଥାନୀୟ ବିଶ୍ୱାସର ଏକ ବଡ଼ ଭୂମିକା ଥାଏ। ଋତୁଚକ୍ରର ଆବର୍ତ୍ତନ ସହ ଏମାନଙ୍କର ମନ ଏବଂ କର୍ମଧାରା ରୂପାନ୍ତରିତ ହୁଏ, ଯାହା ସେମାନଙ୍କ ଜୀବନ ପ୍ରତି ଥିବା ସକରାତ୍ମକ ଦୃଷ୍ଟିକୋଣକୁ ସୂଚିତ କରେ। ଏହି ଲୋକ ଚଳଣି କୌଣସି ବାଧ୍ୟବାଧକତାର ନିୟମ ନୁହେଁ, ବରଂ ଏହା ସ୍ୱେଚ୍ଛାରେ ଗୃହୀତ ଏକ ଜୀବନ-ଦର୍ଶନ।

ଆଧୁନିକ ଯୁଗର ଯାନ୍ତ୍ରିକତା ଏବଂ ନଗରୀକରଣ ଯୋଗୁଁ ଆଜି ଅନେକ ପ୍ରାଚୀନ ପରମ୍ପରା ବିଲୁପ୍ତ ହେବାକୁ ବସିଲାଣି। ମାତ୍ର ସୀମାନ୍ତ ଅଞ୍ଚଳର ଏହି ଅନାବିଳ ଜନଜୀବନ ଆଜି ମଧ୍ୟ ନିଜର ସ୍ୱାଭିମାନ ଓ ମୌଳିକତା ରକ୍ଷା କରିବାରେ ସମର୍ଥ ହୋଇଛି। ଏହି ପରିପ୍ରେକ୍ଷୀରେ, ସେହି ଅଞ୍ଚଳର ଆତ୍ମିକ ଚିତ୍ରପଟ୍ଟକୁ ବୁଝିବା ଏବଂ ତାହାର ସାଂସ୍କୃତିକ ମୂଲ୍ୟବୋଧକୁ ସାରସ୍ୱତ ସମାଜ ସମ୍ମୁଖରେ ଉପସ୍ଥାପନ କରିବା ଏକ ସମୟୋପଯୋଗୀ ଆବଶ୍ୟକତା।

ସାଧାରଣତଃ ଓଡ଼ିଶା ଆନ୍ଧ୍ର ସୀମାନ୍ତ ଅଂଚଳ ଭାଷା ଦୃଷ୍ଟିରୁ ଉନ୍ନତ ନ ହୋଇପାରେ, କିଂତୁ ସଂସ୍କୃତି ଦୃଷ୍ଟିରୁ ବେଶ୍ ଉନ୍ନତ । ସରଳ, ସାବଲୀଳ ଜୀବନ ଚର୍ଯ୍ୟା ଆଧାରରେ ଆଲୋଚ୍ୟ ଅଂଚଳର ଚଳଣି ଉଚ୍ଚକୋଟୀର । ଗୋଟିଏ ଅଂଚଳର ତଥା ଗୋଟିଏ ଜନଜାତିର ଲୋକାଚାର ସେମାନଙ୍କର ନିତ୍ୟ ନୈମିତ୍ତିକ ଜୀବନରେ ଅନ୍ତଃସଲିଳା ଫଲଗୁ ପରି ପ୍ରବହମାନ ହେଉଥାଏ। ତେଣୁ ଏହା କେବଳ ଗୋଟିଏ ବ୍ୟକ୍ତିର ପାରିବାରିକ ଜୀବନ କ୍ଷେତ୍ରରେ ନୁହେଁ, ସାମାଜିକ ଜୀବନକୁ ସୁସଂହତ କରିବା କ୍ଷେତ୍ରରେ ମଧ୍ୟ ଅତ୍ୟନ୍ତ ସହାୟକ ହୋଇଥାଏ । ଯୁଗେଯୁଗେ ମନୁଷ୍ୟ ଉତ୍ତମ ଜୀବନ ଶୈଳୀକୁ ସାଦରେ ଗ୍ରହଣ କରିଥାଏ । ଏକ୍ଷେତ୍ରରେ ନୀଳମଣି ମିଶ୍ରଙ୍କ ବକ୍ତବ୍ୟଟି ଯଥାର୍ଥ ମନେହୁଏ । ତାଂକ ମତରେ –" ସ୍ମୃତି ସାହିତ୍ୟର ବିଧି ବିଧାନ ମଧ୍ୟରେ ଲିପିବଦ୍ଧ ହୋଇନଥିବା ଯେଉଁ ଆଚାର-ବ୍ୟବହାର ଲୋକ ସମାଜରେ ଯୁଗ ଯୁଗ ଧରି ଚଳିଆସୁଛି, ତାହା ଲୋକାଚାର, ଲୋକସଂସ୍କାର ଓ ଲୋକୋକ୍ତି (ପ୍ର), ପୃଷ୍ଠା: ୫୬) ସୁତରାଂ ଆମ୍ଭ ପ୍ରବନ୍ଧର ଆଲୋଚ୍ୟ କ୍ଷେତ୍ର ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଅଂଚଳରେ ମଧ୍ୟ ଏହିପରି ବହୁ ଲୋକଚଳଣି ସମୟାନୁକ୍ରମେ ପ୍ରଚଳିତ ହୋଇ ଆସୁଛି ଯାହା ଏହି ଅଂଚଳର ସାଂସ୍କୃତିକ ବୈଭବ ଭାବେ ସ୍ୱୀକୃତ । ବାହ୍ୟତ ଲୋକ ଚଳଣି ଯେତିକ ଦୃଶ୍ୟମାନ ; ତାଠୁଁ ଅଧିକ ଅନ୍ତଃସ୍ତରରେ ଅନୁଭବ୍ୟ । ଏହି ଧାରା ଗୋଟିଏ ଅଂଚଳର ଅଧିବାସୀଙ୍କ ନିମିତ୍ତ ସମାନ ଧର୍ମରେ ଗୃହୀତ ହୋଇଥାଏ । ଉଚ୍ଚନୀଚ, ଧନୀ ନିର୍ଦ୍ଧନ, ଜ୍ଞାନୀ ଅଜ୍ଞାନୀ ସମସ୍ତଙ୍କ ପାଇଁ ସମାନ ବିଚାର ଧାରାରେ ଲୋକ ଚଳଣି ପ୍ରବାହିତ ହୁଏ । ଏ କଥା ସ୍ୱୀକାର୍ଯ୍ୟ ଯେ ସମୟାନୁକ୍ରମେ ମାନବୀୟ ଜୀବନ ଚର୍ଯ୍ୟା ,ରୁଚି, ଆବେଗ ଅନୁସାରେ ଯେପରି ପରିବର୍ତ୍ତନ ଘଟେ ତଦନୁସାରେ ଚଳଣି ମଧ୍ୟ ଯୁଗାନୁସାରୀ ହୋଇଥାଏ । ସବୁସତ୍ତ୍ୱେ ଏହା ମଣିଷକୁ କୁପଥରୁ ସୁପଥକୁ ଆଣିବାରେ ତଥା ଜୀବନକୁ ଶୃଙ୍ଖଳିତ , ସୁସଂହତ କରିବାରେ ଯେ ସହାୟତା କରେ ଏଥିରେ ସଂଦେହ ନ ଥାଇପାରେ । ସର୍ବୋପରି ଆମ୍ଭ ବକ୍ତବ୍ୟର ସ୍ୱଷ୍ଟତା ତଥା ଆଲୋଚନାର ସୌକର୍ଯ୍ୟ ପରିପ୍ରେକ୍ଷୀରେ ଆଲୋଚ୍ୟ ଅଂଚଳର ଲୋକଚଳଣିକୁ ନିମ୍ନ ପ୍ରକାରେ ବିଭାଗୀକରଣ କରାଯାଇପାରେ ।

**ପାରିବାରିକ ଚଳଣି:-**

ବୃହତ୍ତର ବିଚାରଧାରାରେ ସମଗ୍ର ବିଶ୍ୱ ତଥା ଭୂ- ଭାଗ ଯଦିଓ ଏକ ପରିବାର ଭାବେ ସ୍ୱୀକୃତ, ତଥାପି ଏକକ ବିଚାରଧାରାରେ ପରିବାର ଶବ୍ଦଟି ବ୍ୟକ୍ତିର ମନରେ ସମଗ୍ର ବିଶ୍ୱର ଏକ ପ୍ରତୀକାତ୍ମକ ଭାବ ସୃଷ୍ଟି କରେ। ତେଣୁ ଗୋଟିଏ


© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସଂସ୍କୃତି ସଂପନ୍ନ ପରିବାରକୁ ସ୍ୱର୍ଗ ସହିତ ମଧ ତୁଳନା କରାଯାଇ ଥାଏ । ସୁତରାଂ ଗୋଟିଏ ପରିବାରର ସ୍ୱର୍ଗ ସମ ହେବା ଅନ୍ତରାଳରେ ଯେଉଁ ବ୍ୟବସ୍ଥାର ଭୂମିକା ମହତ୍ତ୍ୱପୂର୍ଣ୍ଣ ତାହା ଯେ ସେହି ପରିବାରର ଚଳଣି ଏହା ନିର୍ବିବାଦୀୟ ସତ୍ୟ । ଆଲୋଚ୍ୟ ଅଂଚଳରେ ବର୍ତ୍ତମାନ ସୁଦ୍ଧା ଯୌଥ ପରିବାର ଥିବା ପରିଲକ୍ଷିତ ହୁଏ। ପରିବାରର- ମୁଖ୍ୟ ଭାବେ ପିତାଙ୍କୁ ଗ୍ରହଣ କରାଯାଉଥିବା ବେଳେ, ପିତାଙ୍କ ମୃତ୍ୟୁ ପରେ ବହୁ ପରିବାରରେ ମାତାଙ୍କୁ ମୁଖ୍ୟ ଭାବରେ ସ୍ୱୀକାର କରାଯାଏ । ତାଂକ ଅନ୍ତେ ବଡପୁଅ ପରିବାରର ମୁଖ୍ୟ ଆସନ ଅଳଂକୃତ କରନ୍ତି। ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଭଲମନ୍ଦ ବୁଝିବା ତାଙ୍କର ପ୍ରଧାନ କର୍ମ । ପ୍ରକାରାନ୍ତରରେ ଆର୍ଥିକ ଦେଣନେଣ , ପରିବାରର ଖର୍ଚ୍ଚାଦି ବିଷୟ ସେହି ମୁଖ୍ୟ ହିଁ ବୁଝିଥାନ୍ତି। ପରିବାରର ସ୍ନେହ, ପ୍ରେମ, ଶୃଙ୍ଖଳା ସମସ୍ତ ବିଷୟ ମୁଖ୍ୟଙ୍କ ଉପରେ ନିର୍ଭରଶୀଳ । ସେ ନିଜ ସନ୍ତାନମାନଙ୍କୁ ଯେପରି ଦୃଷ୍ଟିଭଂଗୀରେ ଦେଖନ୍ତି , ଅନ୍ୟ ଭାଇମାନଙ୍କ ସନ୍ତାନ-ସନ୍ତତିଙ୍କୁ ମଧ ସମାନ ଦୃଷ୍ଟିଭଂଗୀରେ ଦେଖିଥାନ୍ତି। ସାଧାରଣତଃ ପରିବାରର ଭଲମନ୍ଦ, ଭୋଜି, ମହୋତ୍ସବ ଆଦି ବ୍ୟୟ ସାପେକ୍ଷ କାର୍ଯ୍ୟ ପାଇଁ ପିତା ତାଙ୍କର ପୁତ୍ର ମାନଙ୍କର ଏବଂ ବଡଭାଇ ତାଙ୍କର ଅନ୍ୟ ଭାଇମାନଙ୍କର ସୁଚିନ୍ତିତ ମତାମତ ଗ୍ରହଣ କରିଥାନ୍ତି।

**ସମ୍ମାନ ପ୍ରଦର୍ଶନ ମୂଳକ ଚଳଣି:-**

ପାତ୍ରୋପଯୋଗୀ ସମ୍ମାନ ପ୍ରଦର୍ଶନ ମହାଭାରତୀୟ ସାଂସ୍କୃତିକ ପରଂପରାର ଏକ ଉଲ୍ଲେଖନୀୟ ବିଶେଷତ୍ୱ । ଏହା ସାମାଜିକ ଚଳଣିର ଏକ ଅନନ୍ୟ ବୈଶିଷ୍ଟ୍ୟ; ମାନବିକତାର ଏକ ସ୍ୱର୍ଣ୍ଣାଭ ସ୍ୱାକ୍ଷର । ଏହା ଉଭୟ ପାରିବାରିକ ଏବଂ ସାମାଜିକ ଜୀବନକୁ ଶୃଙ୍ଖଳିତ କରିଥାଏ । ଏହି ଚଳଣି ଆଲୋଚ୍ୟ ଅଂଚଳର ସାମାଜିକ ଏବଂ ପାରିବାରିକ ଉଭୟ କ୍ଷେତ୍ରରେ ପରିଲକ୍ଷିତ ହୁଏ । ପାରିବାରିକ ଜୀବନରେ ବଡ଼ମାନଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ପ୍ରଣାମ, ନମସ୍କାର ଆଦିର ବ୍ୟବହାର ହେଉଥିବା ବେଳେ, ସାମାଜିକ ଜୀବନରେ ମଧ ଏ ଉଭୟର ବ୍ୟବହାର ଦେଖିବାକୁ ମିଳେ । ବାପଘରକୁ ଝିଅ ଏବଂ ଶ୍ୱଶୁର ଘରକୁ ବୋହୂ ଆସିଲେ ଏରୁଣ୍ଡି ବଂଧ ନିକଟରେ ଘରର କେହି ଜଣେ ମହିଳା ମୁଠାଏ ଭାତରେ ଧରି ନବାଗତା ଝିଅ ଏବଂ ବୋହୂର ଚାରିପଟେ ତିନିଥର ବୁଲାଇବା ପରେ ଗୃହ ମଧକୁ ସେମାନେ ପ୍ରବେଶ କରିଥାନ୍ତି । ପ୍ରଥମେ ଇଷ୍ଟ ଦେବ-ଦେବୀଙ୍କ ନିକଟରେ ମୁଣ୍ଡିଆ ମାରିବା ପରେ ଗୃହର ବୟୋଜେଷ୍ଠ ପୁରୁଷ ଏବଂ ମହିଳାଙ୍କ ପାଦ ସ୍ପର୍ଶ କରି ଆଶିଷ ଭିକ୍ଷା କରୁଥିବା ପରିଦୃଷ୍ଟ ହୁଏ । ପ୍ରକାରାନ୍ତରେ ସାମାଜିକ ଜୀବନରେ ବୟୋଜେଷ୍ଠ ବ୍ୟକ୍ତିମାନଙ୍କୁ ପ୍ରତ୍ୟେକ ବ୍ୟକ୍ତି ବାପା, ଦାଦା,ଭାଇନା, ମାମୁ , କକା, ମା,ଖୁଡି ଆଦି ସମ୍ବୋଧନାତ୍ମକ ଶବ୍ଦ ମାଧମରେ ସମ୍ବୋଧିତ କରିଥାନ୍ତି। ସେହିପରି ସମବୟସ ତଥା ସାମସମୟିକ ବ୍ୟକ୍ତିମାନେ ପରସ୍ପରଙ୍କୁ ସମୁଦୀ , ସଙ୍ଗୁ, ସଂଗାତ, ମଇତ୍ର ଶବ୍ଦରେ ସମ୍ବୋଧିତ କରୁଥିବା ବେଳେ , ନାରୀମାନେ ମକର ଶବ୍ଦ ବ୍ୟବହାର କରିଥାନ୍ତି । ସେହିପରି ଗୃହକୁ ଆସିଥିବା ବଂଧୁବାଂଧବ ତଥା ଅତିଥିମାନଂକୁ ଯଥୋଚିତ ସମ୍ମାନ ପ୍ରଦର୍ଶନ ଏହି ଅଂଚଳର ଚଳଣିର ଏକ ସୁ ମହତ ବିଶେଷତ୍ୱ । ଘରକୁ ଅତିଥି ଆସିଲେ ପ୍ରଥମତଃ ଗୋଡ଼ ଧୋଇବା ନିମନ୍ତେ ପାଣି ଡାଳେ ଦିଆଯାଏ । ଏପରିକି ଅତିଥି ଗୋଡ ଧୋଇବା ମାତ୍ରେ ଗୃହର ଜଣେ ସଦସ୍ୟ ଧରିଥିବା ଗାମୁଛାକୁ ଗୋଡ ପୋଛିବା ନିମନ୍ତେ ବଢ଼ାଇ ଦିଅନ୍ତି । ଅତିଥି ଘରକୁ ଆସିବା ପରେ ବସିବା ନିମନ୍ତେ ପୂର୍ବେ ପିଢ଼ାଟିଏ ଦିଆଯାଉଥିବା ବେଳେ, ସଂପ୍ରତି ସପ କିମ୍ବା ଚୌକିଟିଏ ଦିଆଯାଉଥିବା ଜଣାଯାଏ । ତେଲୁଗୁ ତଥା ବ୍ରାହ୍ମଣେତର ଜାତିରେ ଅତିଥି ସତ୍କାର ସ୍ୱରୂପ ଧୂଆଁ ପତ୍ରରେ ପ୍ରସ୍ତୁତ ପିକା କିମ୍ବା ବିଡ଼ି ଖଣ୍ଡେ ଦିଆଯାଏ । ସନ୍ଧ୍ୟା ସମୟରେ ଅତିଥିଙ୍କୁ ଆପ୍ୟାୟିତ କରିବା ନିମନ୍ତେ ମଦ୍ୟପାନ ମଧ କରାଯାଏ । ବ୍ରାହ୍ମଣ ଜାତିରେ ଅତିଥିଙ୍କୁ ପଣା, ପାନ ଆଦି ପ୍ରଦାନ କରାଯାଇଥାଏ। ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତି ଆତିଥେୟ ଚଳଣିର ଅନ୍ୟତମ ବିଶେଷତ୍ୱ । ବଂଧୁ ତଥା ଅତିଥିଙ୍କ ସନ୍ତୋଷ ବିଧାନରେ ପରିବାରର ମଂଗଳ ହେବା କଥାକୁ ଆଲୋଚ୍ୟ ଅଂଚଳର ସମସ୍ତ ଜାତିର ବ୍ୟକ୍ତିମାନେ ସ୍ୱୀକାର କରନ୍ତି । ଏପରିକି ଗ୍ରାମ୍ୟର ଅନ୍ୟ ବ୍ୟକ୍ତିମାନେ ମଧ ସଂପର୍କର ବ୍ୱାହିରେ ବଂଧୁ ତଥା ଅତିଥିଙ୍କ ସହିତ ଭଲମନ୍ଦ ଦୁଇପଦ କଥା ହେବା ଏହି ଅଂଚଳର ଏକ ଉଲ୍ଲେଖନୀୟ ଚଳଣି । ଅତିଥି ବିଦାୟ ନେବାବେଳେ ଘରର ଜଣେ ସଦସ୍ୟ ଗ୍ରାମଶେଷ ପର୍ଯ୍ୟନ୍ତ ତାଂକ ସହିତ ଯାଆନ୍ତି। ସର୍ବୋପରି ଭାରତୀୟ ପରଂପରାରେ ଥିବା ' ଅତିଥି ଦେବୋ ଭବଃ 'ବାକ୍ୟଟିକୁ ସ୍ୱୀୟ ଚଳଣି ମାଧମରେ ସମ୍ମାନ ପ୍ରଦର୍ଶନ କରିବାରେ ଏହି ଅଂଚଳର ପ୍ରତ୍ୟେକ ବ୍ୟକ୍ତି ବେଶ୍ ସଚେତନ କହିଲେ ସତ୍ୟର ଅପଳାପ ହେବନାହିଁ ।

**ଶୁଦ୍ଧି- ଅଶୁଦ୍ଧି ମୂଳକ ଚଳଣି:-**

ମନୁଷ୍ୟର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତମାମ ଜୀବନ ପ୍ରକ୍ରିୟା ମଧରେ ବିବିଧ ଘଟଣା ଆଧାରରେ ଶୁଦ୍ଧି- ଅଶୁଦ୍ଧି କାର୍ଯ୍ୟ ସଂପନ୍ନ ହୋଇଥାଏ । ଏହା ଉଭୟ ସୁଖ ଏବଂ ଦୁଃଖ ନିମନ୍ତେ ଅଭିପ୍ରେତ । ସନ୍ତାନଟିଏ ଜନ୍ମ ହେବାରେ ସୁଖ ତଥା ଆନନ୍ଦ ଥାଏ ଏବଂ ପରିବାରରୁ ସଦସ୍ୟଟିଏ ଇହଲୀଳା ସମ୍ବରଣ କଲେ ଦୁଃଖ ଥାଏ । ଉପରୋକ୍ତ ଉଭୟ କାର୍ଯ୍ୟରେ ଶୁଦ୍ଧି-ଅଶୁଦ୍ଧି ହୁଏ । ତେଣୁ ଏହାକୁ ସାମାଜିକ କ୍ଷେତ୍ରରେ ଲୋକଚଳଣି ଭାବରେ ଗ୍ରହଣ କରାଯାଇଥାଏ । ଏହି ଦୃଷ୍ଟିରୁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ପାଳନ କରାଯାଉଥିବା ବିଭିନ୍ନ ଶୁଦ୍ଧି-ଅଶୁଦ୍ଧି କାର୍ଯ୍ୟ ଏହାର ପରିସର ଭୁକ୍ତ । ସନ୍ତାନଟିଏ ଜନ୍ମ ହେଲେ ଆଲୋଚ୍ୟ ଅଂଚଳରେ ଏଗାର ଦିନ ପର୍ଯ୍ୟନ୍ତ ପରିବାର ତଥା ସେହି ବଂଶର ସମସ୍ତ ପରିବାର ନିଜକୁ ଅଶୁଦ୍ଧ ମନେକରି କୌଣସି ମାଂଗଳିକ କାର୍ଯ୍ୟ ଏବଂ ଦେଶ ସେବା କରନ୍ତି ନାହିଁ । ଏଗାର ଦିନ ପରେ ବ୍ରାହ୍ମଣମାନେ ପଇତା ( ଯଜ୍ଞୋପବୀତ) ପରିବର୍ତ୍ତନ କରି ନୂତନ ହାଣ୍ଡିରେ ଅନ୍ନ ପ୍ରସ୍ତୁତ କରନ୍ତି । ଏହାକୁ ' ହାଣ୍ଡି କରିବା ' କୁହାଯାଏ । କେତେକ ବ୍ରାହ୍ମଣେତର ଜାତିରେ ମଧ ଏହି ଚଳଣିକୁ ଗ୍ରହଣ କରାଯାଉଥିବା ଲକ୍ଷ୍ୟ କରାଯାଏ। ଅନ୍ୟପକ୍ଷରେ ଆଲୋଚ୍ୟ ଅଂଚଳର ପ୍ରାୟଶଃ ସମସ୍ତ ଜାତିର ବ୍ୟକ୍ତି ମୃତ୍ୟୁକାଳୀନ ଶୁଦ୍ଧିକ୍ରିୟାକୁ ବାରଦିନ ପର୍ଯ୍ୟନ୍ତ ପାଳନ କରନ୍ତି । ବାରଦିନ ସମସ୍ତେ ନିଜକୁ ସଂପୂର୍ଣ୍ଣ ଶୁଦ୍ଧ ମନେ କରନ୍ତି । ପକ୍ଷାନ୍ତରେ ଏହି ଅଂଚଳରେ ନାରୀମାନଙ୍କ ମାସିକ ଋତୁସ୍ରାବକୁ ଅତ୍ୟନ୍ତ ଗୁରୁତର ଅଶୁଦ୍ଧି ଭାବରେ ପାଳନ କରାଯାଏ। ତିନିରୁ ପାଞ୍ଚଦିନ ପର୍ଯ୍ୟନ୍ତ ସେମାନେ ଅଶୁଦ୍ଧ ଭାବରେ ପରିଗଣିତ ହୁଅନ୍ତି । ଗୃହକାର୍ଯ୍ୟ, ଧର୍ମୀୟ କାର୍ଯ୍ୟରୁ ସେମାନେ ବିରତ ରହନ୍ତି । ଏହି ଅଂଚଳରେ ଶୁଦ୍ଧି- ଅଶୁଦ୍ଧିଗତ ଚଳଣିକୁ ସମସ୍ତେ ଗ୍ରହଣ କରୁଥିବା ପରିଲକ୍ଷିତ ହୁଏ ।

**ଧାର୍ମିକ ଚଳଣି:-**

ବର୍ଷର ବିଭିନ୍ନ ସମୟରେ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀ , ମେଳା ମହୋତ୍ସବକୁ ଧାର୍ମିକ କାର୍ଯ୍ୟ ଭାବରେ ଏହି ଅଂଚଳରେ ଗ୍ରହଣ କରାଯାଏ। ପ୍ରତ୍ୟେକ ପର୍ବପର୍ବାଣୀରେ ଘରକୁ ଲିପାପୋଛା କରି ଝୋଟି ଆଙ୍କିବା , ପୂର୍ଣ୍ଣ କୁମ୍ଭ ସ୍ଥାପନ କରିବା ,ଦୀପ ପ୍ରଜ୍ଜ୍ୱଳନ କରିବା ଚଳଣିର ଅନ୍ୟତମ ଅଂଗ। ତତ୍‌ସହିତ ପାଟ, ମଠା, ନୂତନ ପୋଷାକ ପରିଧାନ ପୂର୍ବକ ଦେବସ୍ଥାନକୁ ଯିବା ଗରିବ ଲୋକମାନଂକୁ ଅନ୍ନ ,ବସ୍ତ୍ର, ଟଂକାଦି ଦାନ ଦେବା, ଘରେ କିମ୍ବା କୌଣସି ମଠ, ମନ୍ଦିରରେ ବ୍ରାହ୍ମଣ ଭୋଜନ ଦେବା ଆଲୋଚ୍ୟ ଅଂଚଳର ଧାର୍ମିକ ଚଳଣି । ଅନ୍ୟପକ୍ଷରେ ଉପଯୁକ୍ତ ସମୟରେ ବର୍ଷା ହେବା ,ଗ୍ରାମରୁ ବିପଦ ଦୂର ହେବା ନିମନ୍ତେ ଗ୍ରାମରେ ଅଷ୍ଟପ୍ରହର,ଚବିଶ ପ୍ରହର ଯଜ୍ଞ ତଥା ନାମ ସଂକୀର୍ତ୍ତନ କରିବା, ବର୍ଷତମାମ ଗ୍ରାମରେ ସଂକୀର୍ତ୍ତନ କରିବା ମଧ ଏହି ଅଂଚଳର ଧାର୍ମିକ ଚଳଣି । ଏ ସମସ୍ତ କାର୍ଯ୍ୟରେ ଗ୍ରାମର ସବର୍ଣ୍ଣ ଜାତିମାନେ ମିଳିତ ହେଉଥିବା ବେଳେ, ଅସବର୍ଣ୍ଣମାନଂକୁ ଏଯାବତ ସାମିଲ କରାଯାଉନଥିବା ପରିଲକ୍ଷିତ ହୁଏ ।

ସଂସ୍କୃତି ଏକ ସ୍ଥିର ଜଳାଶୟ ନୁହେଁ, ବରଂ ଏହା ଏକ ଗତିଶୀଳ ପ୍ରବାହ। ଜନଜୀବନର ପ୍ରତିଟି ସ୍ପନ୍ଦନ ଏବଂ ଆଚରଣ ମଧରେ ଏହା ନିଜର ସ୍ୱରୂପ ପ୍ରକାଶ କରିଥାଏ। ଉପାନ୍ତ ଅଞ୍ଚଳର ଏହି ଅନନ୍ୟ ଲୋକ ଚଳଣି କେବଳ କେତେକ ପାରମ୍ପରିକ ରୀତିନୀତିର ସମାହାର ନୁହେଁ, ବରଂ ଏହା ସେହି


© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ମାଟିର ଆତ୍ମପରିଚୟ ଓ ଜୀବନ-ଦର୍ଶନର ଏକ ଜ୍ୱଳନ୍ତ ନିଦର୍ଶନ। ସୀମାନ୍ତବର୍ତ୍ତୀ ଇଲାକାଗୁଡ଼ିକରେ ବସବାସ କରୁଥିବା ଜନସାଧାରଣ ସର୍ବଦା ଏକ ପ୍ରକାର ମାନସିକ ଓ ସାଂସ୍କୃତିକ ଦ୍ୱୈତତା ମଧ୍ୟରେ ଗତି କରିଥାନ୍ତି। ମାତ୍ର ଏହି ଦ୍ୱୈତତା ସେମାନଙ୍କ ଜୀବନରେ କୌଣସି ବିଭେଦ ସୃଷ୍ଟି କରେନାହିଁ, ବରଂ ସେମାନଙ୍କ ଚିନ୍ତାଧାରାକୁ ଅଧିକ ଉଦାର, ସମନ୍ୱୟବାଦୀ ଏବଂ ଗ୍ରହଣଶୀଳ କରିଥାଏ। ସମାଜରେ ପାରସ୍ପରିକ ସହବନ୍ଧନ ଏବଂ ପ୍ରୀତିର ଯେଉଁ ଅଦୃଶ୍ୟ ଡୋରି ରହିଛି, ତାହା ହିଁ ଏହି ଚଳଣିର ମୂଳଦୁଆ।

ବର୍ତ୍ତମାନର ବିଶ୍ୱାୟନ, ଆଧୁନିକତା ଏବଂ ବୈଷୟିକ ପ୍ରଗତିର ଯୁଗରେ ସାରା ପୃଥିବୀରେ ଆଞ୍ଚଳିକ ପରମ୍ପରାଗୁଡ଼ିକ ପ୍ରତିପଦରେ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସହରୀ ସଭ୍ୟତାର ଚାକଚକ୍ୟ ଓ ଯାନ୍ତ୍ରିକ ଜୀବନଶୈଳୀ ମଣିଷକୁ ନିଜର ଚେରଠାରୁ ଦୂରେଇ ନେଉଥିବା ବେଳେ, ସୀମାନ୍ତ ଅଞ୍ଚଳର ଏହି ସରଳ ଓ ସ୍ୱାଭାବିକ ଜୀବନଚର୍ଯ୍ୟା ଆଜି ମଧ ମୌଳିକ ସାମାଜିକ ମୂଲ୍ୟବୋଧକୁ ବଞ୍ଚାଇ ରଖିବାରେ ସମର୍ଥ ହୋଇଛି। ଏହା ପ୍ରମାଣିତ କରେ ଯେ, ଯେଉଁ ସଂସ୍କୃତି ମାଟି ସହ ଜଡ଼ିତ ଏବଂ ଜନମାନସର ଆବେଗରୁ ଜନ୍ମିତ, ତାହା ସହଜରେ ବିଲୀନ ହୁଏନାହିଁ। ସମୟର ପରିବର୍ତ୍ତନ ସହ ଲୋକଙ୍କ ରୁଚି, ବ୍ୟବହାର ଓ ଆବେଗରେ ପରିବର୍ତ୍ତନ ଆସିବା ସ୍ୱାଭାବିକ ଏବଂ ସେହି ଅନୁସାରେ ଚଳଣି ମଧ ଯୁଗାନୁସାରୀ ହୋଇ ରୂପାନ୍ତରିତ ହୋଇଥାଏ। ମାତ୍ର ଏହାର ଅନ୍ତର୍ନିହିତ ଆତ୍ମା ମଣିଷକୁ କୁପଥରୁ ସୁପଥକୁ ଆଣିବାରେ ଏବଂ ଜୀବନକୁ ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳା ପ୍ରଦାନ କରିବାରେ ସର୍ବଦା ବ୍ରତୀ ରହିଥାଏ।

ସାମ୍ପ୍ରତିକ ସମାଜରେ ଏହି ଲୋକ ଚଳଣିର ସଂରକ୍ଷଣ ଓ ଅନୁଧ୍ୟାନ ଅତ୍ୟନ୍ତ ପ୍ରାସଙ୍ଗିକ। ଏହି ପରମ୍ପରାଗୁଡ଼ିକ କେବଳ ଅତୀତର ସ୍ମୃତି ନୁହନ୍ତି, ବରଂ ଭବିଷ୍ୟତର ଏକ ଶୁଦ୍ଧ ସାମାଜିକ ବ୍ୟବସ୍ଥା ଗଠନ ପାଇଁ ଏକ ପ୍ରେରଣାର ଉତ୍ସ। ମାନବୀୟ ମୂଲ୍ୟବୋଧର ପ୍ରତିଷ୍ଠା, ପାରସ୍ପରିକ ସହଭାଗିତା ଏବଂ ସାମାଜିକ ସଂହତି ରକ୍ଷା ଦିଗରେ ଲୋକଚଳଣିର ଭୂମିକା ଅନନ୍ୟ। ଏହି ସାଂସ୍କୃତିକ ବିଭବକୁ ବୁଝିବା ଏବଂ ଏହାର ସକରାତ୍ମକ ଦିଗଗୁଡ଼ିକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଆଜିର ସାରସ୍ୱତ ସମାଜର ପ୍ରଧାନ ଦାୟିତ୍ୱ। ସୀମାନ୍ତ ମାଟିର ଏହି ଅଲିଖିତ ସଂହିତା ହିଁ ପ୍ରକୃତରେ ସମଗ୍ର ଭୂଭାଗକୁ ଏକ ପରିବାର ଭାବେ ଗଢ଼ିବାରେ ସହାୟକ ହୋଇଥାଏ।

ଉପାନ୍ତ ଅଞ୍ଚଳର ଏହି ଜୀବନୀଶକ୍ତି ଏକ ନିରନ୍ତର ପ୍ରବହମାନ ଧାରା। ଯୁଗ ପରେ ଯୁଗ ବଦଳିଲେ ମଧ ସାମାଜିକ ନୀତିନିଷ୍ଠ କାର୍ଯ୍ୟକଳାପ ଏବଂ ମାନବିକତାର ଏହି ଧାରା କେବେ ସ୍ତବ୍ଧ ହେବନାହିଁ। ଏହା ଅତୀତର ଗୌରବକୁ ବୁକୁରେ ସାଉଁଟି, ବର୍ତ୍ତମାନକୁ ସଂସ୍କାରୀ କରି ରଖିଛି ଏବଂ ଆଗାମୀ କାଳରେ ମଧ ଏହି ଲୋକଚଳଣି ନିଜର ମହାର୍ଘ ସ୍ୱାକ୍ଷରରେ ମାନବ ସଭ୍ୟତାକୁ ଆଲୋକିତ କରୁଥିବ, ଏଥିରେ କୌଣସି ସନ୍ଦେହ ନାହିଁ।

ସର୍ବୋପରି ପରିଶେଷରେ ଏତିକି କୁହାଯାଇପାରେ ଯେ, ଗୋଟିଏ ଅଂଚଳର ସୁସଂହତ ସାମାଜିକ ଜୀବନଚର୍ଯ୍ୟାର ବ୍ୟବହାର ନୀତିନିଷ୍ଠ କାର୍ଯ୍ୟକଳାପ ହିଁ ଚଳଣି ଭାବରେ ସ୍ୱୀକୃତ । ସମାଜରେ ପାରସ୍ପରିକ ସହବଂଧନ ଆଧାରରେ ଚଳଣିର ସକରାତ୍ମକ ପ୍ରଭାବ ପଡ଼ିଥାଏ। ଜୀବନକୁ ଶୁଦ୍ଧ , ଶୃଙ୍ଖଳିତ କରିବା ସହିତ ମାନବୀୟ ମୂଲ୍ୟବୋଧର ପ୍ରତିଷ୍ଠାରେ ଲୋକଚଳଣିର ଭୂମିକା ଉଲ୍ଲେଖନୀୟ । ଏହି ଲୋକଚଳଣି ଏକ ନିରନ୍ତର ପ୍ରବହମାନ ଧାରା । ଏହା ଥିଲା ଅଛି ଏବଂ ରହିବ କହିଲେ ସତ୍ୟର ଅପଳାପ ହେବନାହିଁ।

### ସହାୟକ ଗ୍ରନ୍ଥସୂଚୀ –

୧. ଓଡ଼ିଆ ଲୋକଗୀତ ଓ କାହାଣୀ – କୁଞ୍ଜବିହାରୀ ଦାଶ, ବିଶ୍ୱଭାରତୀ ଓଡ଼ିଆ ଗବେଷଣା ବିଭାଗ, ୧୯୫୮

୨. ଡ଼ ଅଜୟ କୁମାର ମିଶ୍ର – ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି, ବିଜୟିନୀ ପବ୍ଲିକେଶନ୍ସ କଟକ,୨୦୧୩

୩. ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି – ଡ଼.କୃଷ୍ଣଚନ୍ଦ୍ର ପ୍ରଧାନ, ବିଦ୍ୟାପୁରୀ, 7th ed- ୨୦୧୭

୪. ଲୋକ ସଂସ୍କୃତିର ଭିନ୍ନ ଚର୍ଚ୍ଚା – ଡ଼. କମ୍ବୁପାଣି ସାମନ୍ତ, ଇଥେନା ବୁକ୍ସ, ଭୁବନେଶ୍ୱର, ୧୦୧୨

୫ . ଓଡ଼ିଆ ଲୋକ ସାହିତ୍ୟ ଓ ସଂସ୍କୃତି – ଡ଼. ଅରବିନ୍ଦ ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ, ୨୦୨୪

**Creative Commons License**

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) License. This license permits users to copy and redistribute the material in any medium or format for non-commercial purposes only, provided that appropriate credit is given to the original author(s) and the source. No modifications, adaptations, or derivative works are permitted.

**About the Corresponding Author**



**ଡ଼ . ନଳିନୀ କୁମାର ପାଣିଗ୍ରାହୀ** ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ, ସମକାଳୀନ କବିତା ଏବଂ ସମାଲୋଚନା ରଚନା କ୍ଷେତ୍ରରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ । ତାଙ୍କର କବିତା ମାନବୀୟ ଜୀବନବୋଧର କଥା କହିବାରେ ଯେପରି ସମର୍ଥ; ସମାଲୋଚନା ସେପରି ବିଷୟ ଉପସ୍ଥାପନରେ ବୈଚିତ୍ର୍ୟ, ନିରୋଳା ଭାଷା ଏବଂ ଅନ୍ତର୍ଦୃଷ୍ଟି ସଂପନ୍ନ ଭାବ ବିନ୍ୟାସରେ ଅନନ୍ୟ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବି ଓ କବିତା ସଂପର୍କରେ ଏହା ଏକ ନିର୍ଭରଯୋଗ୍ୟ ସମାଲୋଚନା ଗ୍ରନ୍ଥ । କାବ୍ୟ ପିପାସୁଙ୍କ ବୌଦ୍ଧିକ ଜିଜ୍ଞାସା ଏବଂ ରସଚେତନା ସୃଷ୍ଟି କରିବାରେ ଏହି ଗ୍ରନ୍ଥ ସହାୟକ ହେବ- ଏହା ଆମର ଦୃଢ଼ ବିଶ୍ୱାସ ।



© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/